# ସମାଜସେବୀ ଗୀତା ମିଶ୍ରଙ୍କୁ ସଂସ୍କୃତି ମନ୍ତ୍ରୀଙ୍କ ପ୍ରଶଂସା

**ବରଗଡ଼, ୨୦।୧(ସମିସ):** ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦୁଇଦିନିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି। ପ୍ରଥମ ଥର ପାଇଁ ସରକାରୀ ସ୍ତରରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳନ କରାଗଲା। ଏହି ଅବସରରେ ଅନେକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଛି। ଏହିସବୁ ଭିତରେ କିନ୍ତୁ ପରିଣତ ବୟସରେ ପାର୍ବତୀ ଗିରିଙ୍କୁ ନିଜର ନିତି ଆଦର୍ଶ ଭାବି ସମାଜସେବା ଜାରି ରଖିଥିବା ପଶ୍ଚିମ ଓଡ଼ିଶାର ଜଣାଶୁଣା ସମାଜସେବୀ ଗୀତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାହୋଇଥିଲା। ମନ୍ତ୍ରୀ ସୁରଜ ବିଭିନ୍ନ ବିଷୟରେ ଗୀତା ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ବିଜେପୁର ସରକାରୀ କାର୍ଯ୍ୟକ୍ରମରେ ଅନେକ ବ୍ୟକ୍ତି ସଂଗଠନକୁ ସମ୍ବର୍ଦ୍ଧିତ କରାଯିବା ବେଳେ ବିଧାୟକ ସନତ ଗଡ଼ତିଆ, ବିଧାୟକ ନିହାର ମହାନନ୍ଦ, ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସପି ପ୍ରହ୍ଲାଦ ସହାୟ ମୀନା ମଧ୍ୟ ସମାଜସେବୀ ଗୀତା ମିଶ୍ରଙ୍କ ସେବା ଭାବନାକୁ ପ୍ରଶଂସା କରିଥିଲେ।



# ଚାଷୀଙ୍କ ସମସ୍ୟା ପାଇଁ କଂଗ୍ରେସର ବିଶାଳ ଚାଷୀ ସମାବେଶ

**ବରଗଡ଼, ୨୦।୧(ସମିସ)**

ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲାରେ ଚାଷୀଙ୍କ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଆଜି ଗର୍ଜିଛନ୍ତି। ଧାନ ବିକ୍ରି ସମସ୍ୟା ତଥା ଅବ୍ୟବସ୍ଥାକୁ ନେଇ ବରଗଡ଼ ସହରରେ ବିଶାଳ ଚାଷୀ ସମାବେଶ ଆୟୋଜନ ହୋଇଥିଲା। ବିରାଟ ଶୋଭାଯାତ୍ରାରେ ବାହାରି ନାରାବାଜି କରିବା ସହ କଂଗ୍ରେସର ବରିଷ୍ଠ ନେତା ମାନେ ଚାଷୀ ସମସ୍ୟାକୁ ନେଇ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ବଶିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ପ୍ରମୁଖ ସାମିଲ ଥିଲେ। ଚାଷୀଙ୍କୁ ସରକାର ପ୍ରତାରଣା ନ କରି ଚାଷୀଙ୍କ ଧାନ ଉଠାଇବାରେ ତତ୍ପର ହେଉ ବୋଲି ଦାବି କରିଥିଲେ। ଏନେଇ ସରକାରଙ୍କୁ ଏକ ଦାବିପତ୍ର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଜରିଆରେ ଦିଆଯାଇଛି। କଟନି ଛଟନି ସାଙ୍ଗକୁ, ଟୋକନ୍ ସମସ୍ୟା ସହ ମଣ୍ଡି ଗୁଡିକରେ ପଡ଼ିରହିଥିବା ହଜାର ହଜାର ବସ୍ତା ଧାନ ଆଦି ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଉଦାସୀନ ନ ହେଉ ବୋଲି କଂଗ୍ରେସ ଦାବି କରିଛି। ଗଣପତି ହୋଟେଲରେ ଏକ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ସରକାରଙ୍କ ଅପାରଗତାକୁ ନେଇ କଂଗ୍ରେସ ଖୁବ୍ ସମାଲୋଚନା କରିଛି। ଆଗାମୀ ଦିନରେ ଯଦି ଚାଷୀଙ୍କ ସମସ୍ୟା ସମାଧାନ ନ ହୁଏ ତା ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ରାଜ୍ୟ ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଚେତାବନୀ ଦେଇଛନ୍ତି। ଜିଲ୍ଲା ସଭାପତି ହରଦିପ ସିଂ, ଆଇନଜୀବୀ ସରୋଜ ଷଡଙ୍ଗୀ, ନିପାନ ଦାଶ, କିଶୋର ଦଫାଦାର, ଅଭିଷେକ ସେଠ୍, ଟଙ୍କ ଧର ସାହୁ, ବ୍ରହ୍ମା ମହାକୁଡ, ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ୍ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଜାଦ ପତି, ସତ୍ୟ ନାରାୟଣ ଦେବତା, ଆନନ୍ଦ ପ୍ରଧାନ, ଯୁଗଳ ସିଂ, ପ୍ରତାପ ନାୟକ, ଅନନ୍ତ ଶୟନ ପାଢ଼ୀ, ଶୁଭେନ୍ଦୁ ସାହୁ, ଗୁଣନିଧି ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ।




# 'ସର୍ବ ଜନ୍ ସ୍ୱାସ୍ଥ୍ୟ ମନ୍' କାର୍ଯ୍ୟକ୍ରମ

**ବରପାଲି, ୨୦।୧(ସମିସ):** ବରଗଡ଼ ଜିଲ୍ଲା ବରପାଲି ଏବଂ ସୋହେଲା ବ୍ଲକରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ଉପରେ ସଚେତନତା କାର୍ଯ୍ୟକ୍ରମ 'ସର୍ବ ଜନ୍ ସ୍ୱାସ୍ଥ୍ୟ ମନ୍' ଆୟୋଜିତ ହୋଇଯାଇଛି। ବରପାଲି ବ୍ଲକ ଅଧୀନ ବିଭିନ୍ନ ଗାଁ ଗୁଡିକର ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା' ମାନଙ୍କୁ ପ୍ରତିଷ୍ଠାନ ପକ୍ଷରୁ ସାମିଲ କରାଯାଇଥିଲା। ଗର୍ଭଧାରଣ ସମୟରେ ଏବଂ ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ମନସ୍ତତ୍ତ୍ୱବିତ୍ ସୌମ୍ୟରଞ୍ଜନ ପାଲଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଗର୍ଭବତୀ ଏବଂ ମା'ମାନେ ସମ୍ମୁଖୀନ ହେଉଥିବା ସାଧାରଣ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ଉପରେ ଆଲୋଚନା ହୋଇଥିଲା। ଦୈନନ୍ଦିନ ଜୀବନରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ପ୍ରଭାବକୁ ଉଜାଗର କରୁଥିବା ଭିଡିଓ ଗୁଡିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମଟି ଜିଲ୍ଲା ସଂଯୋଜକ ଅଦିତି ଜାନା, ପର୍ଯ୍ୟବେକ୍ଷକ ଯଶୋବନ୍ତ ପୂଜାରୀ ଏବଂ ସହକର୍ମଚାରୀ କ୍ଷିରୋଦ୍ରୀ ପଧାନ, କ୍ଷିରସିନ୍ଧୁ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ଆଲୋକ ମେହେର, ଘନଶ୍ୟାମ ଭୋଇ, ମନୋଜ ସାହା ପ୍ରମୁଖଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା।

# ବହ୍ନିକନ୍ୟାଙ୍କ ଜନ୍ମ ଜୟନ୍ତୀ ଅବସରରେ ସଂକଳ୍ପ ପରିବାର ସମ୍ବର୍ଦ୍ଧିତ

**ବରଗଡ଼, ୨୦।୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ବିଜେପୁର ଠାରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ସାମାଜିକ ଅନୁଷ୍ଠାନ ସଙ୍କଳ୍ପ ପରିବାରକୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସହିତ ବରେଣ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କ ସମେତ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଏସପି ପ୍ରହ୍ଲାଦ ସହାୟ ମୀନାଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବହ୍ନିକନ୍ୟା ପାର୍ବତୀ ଗିରି ଓଡିଆ ମାଟିର ଏକ ଅଗ୍ନିମୟ କନ୍ୟା ଭାବେ ପରିଚିତ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ବ୍ରିଟିଶ୍ ଶାସନ ବିରୋଧରେ ଲଢ଼ିଥିଲେ। ସ୍ୱାଧୀନତା ପରେ ମଧ୍ୟ ସେ ସମାଜର ଦୁର୍ବଳ, ନିରାଶ୍ରୟ ଓ ବୃଦ୍ଧ ଲୋକମାନଙ୍କ ସେବା କରିବାକୁ ନିଜ ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ। ଆଜି ତାଙ୍କରି ଜନ୍ମ ଜୟନ୍ତୀରେ ତାଙ୍କ ଆଦର୍ଶରେ ପରିଚାଳିତ ହେଉଥିବା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ସଙ୍କଳ୍ପ ପରିବାରକୁ ସାମାଜସେବା ଓ ସମାଜ ଉନ୍ନତିରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ସହିତ ଶତବାର୍ଷିକୀ ପାଳନ କମିଟି, ପାର୍ବତୀଗିରି ବୃଦ୍ଧାଶ୍ରମ ପରିଚାଳକ ଜଳନ୍ଧର ପଟେଲ ପ୍ରମୁଖଙ୍କୁ ଏହି ପ୍ରୋତ୍ସାହନ ପାଇଁ ସଙ୍କଳ୍ପ ପରିବାରର ମୁଖ୍ୟ ବିକାଶ ଅଗ୍ରୱାଲ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ନୂଆଦିଲ୍ଲୀ ଗଣତନ୍ତ୍ର ଦିବସରେ କଳାଗାଁର କଳାକାର

**ପଦ୍ମପୁର, ୨୦।୧(ସମିସ):** ପଦ୍ମପୁର ଉପଖଣ୍ଡର କଳାଗାଁ, ବୁରୋମୁଣ୍ଡାର କଳାକାରମାନେ ଆସନ୍ତା ୨୬ ଜାନୁଆରୀରେ ନୂଆଦିଲ୍ଲୀରେ ଆୟୋଜିତ ଗଣତନ୍ତ୍ର ଦିବସ (ଆରଡ଼ିସି) ପରେଡ୍‌ରେ 'ବନ୍ଦେ ମାତରଂ ବ୍ୟାଣ୍ଡ'ର ଅଂଶ ଭାବେ ପ୍ରଦର୍ଶନ କରିବେ। ବନ୍ଦେ ମାତରଂ ବ୍ୟାଣ୍ଡ ହେଉଛି ଏକ ବିଶେଷ ଭାବେ ଗଠିତ ସଙ୍ଗୀତ ଦଳ, ଯାହା ଭାରତର ବିଭିନ୍ନ ରାଜ୍ୟର ଲୋକସଙ୍ଗୀତ ଶୈଳୀକୁ ଏକତ୍ର କରି ସଙ୍ଗୀତ ମାଧ୍ୟମରେ ଦେଶର ସାଂସ୍କୃତିକ ଏକତାକୁ ପ୍ରତିବିମ୍ବିତ କରିବା ସହ କଳା ସଂସ୍କୃତିକୁ ଉଜ୍ଜୀବିତ କରେ। କଳାଗାଁର ମୁଖ୍ୟ ରବିରତନ ସାହୁଙ୍କ ସୂଚନା ଅନୁଯାୟୀ ଏହି ବର୍ଷ କଳାଗାଁର କଳାକାରମାନେ ଢ଼ୋଲ, ନିଶାନ, ତାସା, ମୁହୁରୀ ଓ ଝାଞ୍ଜ ପରି ପାରମ୍ପରିକ ଲୋକବାଦ୍ୟ ପ୍ରଦର୍ଶନ କରିବେ। ପୂର୍ବ ବର୍ଷରେ କଳାଗାଁର ୮୦ ଜଣ କଳାକାର 'ଜୟତୀ ଜୟ ମମ ଭାରତମ୍ ବ୍ୟାଣ୍ଡ' ମାଧ୍ୟମରେ ଗଣତନ୍ତ୍ର ଦିବସ ପାଳନରେ ଅଂଶଗ୍ରହଣ କରି ଭାରତର ସମୃଦ୍ଧ ଲୋକସାଂସ୍କୃତିକ ପରମ୍ପରାକୁ ଜାତୀୟ ମଞ୍ଚରେ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ କଳା ପ୍ରେମୀ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜାତୀୟ ସେବା ଯୋଜନା ଶିବିରରେ ସ୍ୱଚ୍ଛତା ଅଭିଯାନ



**ପଦ୍ମପୁର, ୨୦।୧(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗ୍ରାମ୍ୟ ଚାରପାଲିରେ ଚାଲିଥିବା ଜାତୀୟ ସେବା ଯୋଜନାର ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆଜି ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଅବସରରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ଓ ଗ୍ରାମ୍ୟ ପରିସରରେ ବ୍ୟାପକ ସଫେଇ କାର୍ଯ୍ୟ କରିବା ସହିତ ଚାରପାଲି ଗ୍ରାମବାସୀଙ୍କୁ 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ତିଗାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ.ତୁଷାରକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଅଧିକାରୀ ଭୁବନେଶ୍ୱର ବରିହା, ସୁରେଶ୍ୱରୀ ପାଣ୍ଡେ ଓ ଡ.ସରୋଜ ନାଏକ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏକ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧ୍ୟାପକ ସମୀର ନାଗ, ସଦାନନ୍ଦ ସାହୁ, ଛାତ୍ରୀ ଭାରତୀ ବେହେରା, ଇତିଶ୍ରୀ ସାହୁ, ସିଦ୍ଧି ସାହୁ, ସନ୍ତୋଷିନୀ ମର୍ହି, ଛାତ୍ର ଆଦିତ୍ୟ ବନଛୋର, ଚୈତନ୍ୟ ପଣ୍ଡା ଓ ମୁକେଶ ଯାଦବ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବୁନି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋର୍ଦ୍ଧା -ବଲାଙ୍ଗିର ରେଳ ପ୍ରକଳ୍ପ ୭ ନଂ ଟନେଲରେ ଫାଟ

**ବୌଦ୍ଧ, ୨୦।୧(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ନିର୍ମାଣାଧୀନ ୭ ନମ୍ବର ଟନେଲରେ ଫାଟ ଦେଖାଯାଇଛି। ଯାହା ଏବେ ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ତିଳକୂପ ନିକଟରେ ନିର୍ମାଣ ଚାଲିଥିବା ଏହି ଟନେଲର ସରଫେସ୍‌ରେ ଏଭଳି ଫାଟ ଦେଖିବାକୁ ମିଳିଛି। ନୂତନ ଭାବେ ନିର୍ମିତ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଂରଚନାରେ ଫାଟ ସୃଷ୍ଟି ହେବା ଠିକା ସଂସ୍ଥାର କାର୍ଯ୍ୟଦକ୍ଷତା ଏବଂ ନିର୍ମାଣର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇଷ୍ଟକୋଷ୍ଟ ରେଳ ବିଭାଗ ଜେନେରାଲ ମ୍ୟାନେଜର ପରମେଶ୍ୱର ଫଙ୍କୱାଲ ଏହି ଅଞ୍ଚଳ ଗସ୍ତ କରି ଟନେଲ ଓ ଉଚ୍ଚ ସମ୍ପନ୍ନ ପୋଲର କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଟନେଲକୁ ପଛକୁ ବୁଲି ଦେଖିଥିଲେ। ଏହା ସରଫେସରେ ଏକ ଛୋଟ ଫାଟ ବୋଲି ସେ ପ୍ରାଥମିକ ଭାବେ କହିଥିବା ବେଳେ ଏହାର ତୁରନ୍ତ ଯାଞ୍ଚ ପାଇଁ ଉପସ୍ଥିତ ରେଳ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଟନେଲ ନିକଟବର୍ତ୍ତୀ ସ୍ଥାନରେ ରେଳପଥ ନିର୍ମାଣ ପାଇଁ ବଡ଼ ବଡ଼ ପଥର ଫଟାଯାଉଛି। ଏହି ପଥର ଫଟାଇବା ପାଇଁ ବ୍ୟବହୃତ ହେଉଥିବା ବ୍ଲାଷ୍ଟିଂ ଯୋଗୁଁ ଟନେଲରେ ଫାଟ ସୃଷ୍ଟି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। କାମ ଚାଲିଥିବା ସମୟରେ ଏଭଳି ତ୍ରୁଟି ପରିଲକ୍ଷିତ ହେବା ସ୍ଥାନୀୟ ଲୋକଙ୍କୁ ବିଚଳିତ କରିଥିବା ବେଳେ ଯାଞ୍ଚ ପରେ ହିଁ ଫାଟର ପ୍ରକୃତ କାରଣ ଓ ଟନେଲର ସୁରକ୍ଷା ସ୍ଥିତି ସ୍ପଷ୍ଟ ହେବ। ଏହି ସାମାନ୍ୟ ଫାଟ ବିପଦଜନକ ନୁହେଁ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।



# ଭଣଜା କୋଦାଳ ମାଡ଼ରେ ପିଉସା ମୃତ

**ବଲାଙ୍ଗିର, ୨୦।୧ (ସମିସ):** ବଲାଙ୍ଗିରରେ ସହର ତୁଳସୀନଗର ପଡ଼ାରେ ହତ୍ୟାକାଣ୍ଡ ଘଟିଛି। ଭଣଜା ଆକ୍ରମଣରେ ପିଉସାଙ୍କ ମୃତ୍ୟୁ ଘଟିଛି। ପାରିବାରିକ କଳହରୁ ତୁଳସୀ ନଗରର ଯଦୁମଣି ବଗର୍ତ୍ତି ଓ ତାଙ୍କ ଭଣଜାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ମଙ୍ଗଳବାର ରାତିରେ ଭଣଜା ପିଉସା ଯଦୁମଣିଙ୍କୁ କୋଦାଳରେ ପିଟି ହତ୍ୟା କରିଛନ୍ତି। ଯଦୁମଣି ନିଜ ଶାଶୁ ଘରେ ରହୁଥିଲେ। ଘଟଣା ପରେ ସେ ଦୀର୍ଘ ସମୟ ଧରି ପଡ଼ି ରହିଥିଲେ। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲା। ଡାକ୍ତର କିନ୍ତୁ ତାଙ୍କୁ ମୃତ୍ୟୁ ଘଟିଥିଲା।

# ବରପାଲିରେ ମୋହରିର ଦିବସ

**ବରପାଲି, ୨୦।୧(ସମିସ):** ବରପାଲି ଓକିଲ ସଂଘ ସଭାଗୃହରେ ଆଡଭୋକେଟ କ୍ଲର୍କ ଦିବସ ପାଳିତ ହୋଇଯାଇଛି। ବରପାଲି ପ୍ରଥମ ଶ୍ରେଣୀ ବିଚାରପତି ମନ୍ଦିରା ମହନ୍ତ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥି ମାନେ ଦିବସର ମୂଳ ଉଦ୍ଦେଶ୍ୟ ସହ ବିଚାର ବିଭାଗ ପଦ୍ଧତିରେ ଆଡଭୋକେଟ କ୍ଲର୍କ ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ସେବା ସାହୁ ସଭାପତିତ୍ୱ କରିଥିବା ବେଳେ ଅଶୋକ ବରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୋର୍ଟ ଓ ତହସିଲ ପରିସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ବନମାଳୀ ଭୋସାଗର, ସଞ୍ଜୀବ ସାହୁ, ଠାକୁର ଦେବତା, କେଶବ ନାଗ, ଶିବ ଶଙ୍କର ମିଶ୍ର, କୈଳାସ ଦେହେରୀ, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରକାଶ ସାହୁ ଓ ଅନ୍ୟ ମାନେ ସହଯୋଗ କରିଥିଲେ।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୨୦।୧ (ସମିସ) :** ପୁଟିବନ୍ଧସ୍ଥିତ ହୋପ୍ ସ୍କୋପ୍ ଡ୍ରାଇଭିଂ ସ୍କୁଲଠାରେ ଦୁଇଦିନିଆ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଜିଲ୍ଲା ରେଡକ୍ରସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଆରଟିଓ କାହ୍ନାଚରଣ ବାଙ୍ଗରା, ଜିଲ୍ଲା ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରବି ଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବାସହ ପ୍ରଶିକ୍ଷଣ ଦେଇଥିଲେ। ହୋପ୍ ସ୍କୋପ୍ ଡ୍ରାଇଭି ସ୍କୁଲର ମନୋରଞ୍ଜନ ବେହେରା, ସୁଶ୍ରୀ ସ୍ୱାଗତିକା ସ୍ୱାଇଁ, ଅର୍ଚ୍ଚନା ବେହେରା, ମନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମାଜସେବୀ ମଞ୍ଜୁଲତା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼, ୨୦।୧(ସମିସ):** ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ପକ୍ଷରୁ ମଙ୍ଗଳବାର ସମାଜସେବୀକା ମଞ୍ଜୁଲତା ଦାଶଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଛି। ଗତକାଲି ଦାଶଙ୍କ ଅକାଳ ବିୟୋଗ ଘଟିଥିଲା। ଆଜି ବରପାଲି ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆଜିର ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଦିବ୍ୟାଙ୍ଗ ମାନଙ୍କ ଶିକ୍ଷା ଓ ଥଇଥାନ କ୍ଷେତ୍ରରେ ଓଡ଼ିଶା ବିଶେଷକରି ବରଗଡ଼ ଜିଲ୍ଲାର ବରପାଲି ଠାରେ ଅନେକ କାର୍ଯ୍ୟ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ ବୋଲି କହିଥିଲେ। ତିନି ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଦିବ୍ୟାଙ୍ଗ ସଂଘ, ଭୁବନେଶ୍ୱର ସମ୍ପାଦକ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥିଲେ। ବରପାଲି ଠାରେ ସରସ୍ୱତୀ ସଂଘ ସ୍ଥାପନ କରି ବହୁ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ଶିକ୍ଷା ତାଲିମ ପ୍ରଦାନ କରି ମୁଖ୍ୟ ସ୍ରୋତରେ ସାମିଲ କରିପାରିଛନ୍ତି। ପରିଚାଳନା କମିଟି ସଭାପତି ଡାକ୍ତର ଦିଲ୍ଲୀପ ପଣ୍ଡା, ପ୍ରଧାନ ଶିକ୍ଷକ ଅଭୟ ପଧାନ ଓ ନେପାଳ ଦୁଆନ, ଶିକ୍ଷକ ଦୁଃଖୀ ସେବକ ସାହୁ ପଦ୍ମିନୀ ମିଶ୍ର, ଜୟନ୍ତୀ ଧଳ, ମିତା ମହାପାତ୍ର, ସୁଶୀଳା ପଶାୟତ, ତେଜରାଜ ସେଠ, ସୁଧୀର ଦେବତା, ସନାତନ ସାହୁ, ସୁରେଶ ସେଠ, ମଣ୍ଟୁ ପଣ୍ଡା, ସାମ୍ବାଦିକ ସତ୍ୟଜିତ୍ ଦାଶ ଓ ଅନ୍ୟମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

**ରେଢ଼ାଖୋଲ, ୨୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ରେଢାଖୋଲ ଉପଖଣ୍ଡ ସ୍ତରୀୟ ଭୀମଭୋଇ ଲୋକମହୋତ୍ସବ ଉପଲକ୍ଷେ ଅନୁଷ୍ଠାନର ଅଧକ୍ଷା ମମତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରେଢ଼ାଖୋଲ ଐତିହ, ଲୋକକଳା, ସଂସ୍କୃତି ଏବଂ ସନ୍ଥ କବି ଭୀମଭୋଇ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ବିଶ୍ୱାଳ, ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍ଏସି ଅଧକ୍ଷ ଶିବରାମ ସାହୁ, ବିଜୟୀ ମହାନ୍ତି, ଅଧ୍ୟାପିକା ସୁନିତା ମିଶ୍ର, ଅଧ୍ୟାପକ ପ୍ରହ୍ଲାଦ ଦେହୁରୀ, ଲକ୍ଷ୍ମୀପ୍ରିୟା ଜେନା ଏବଂ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧକ୍ଷା ଭୀମଭୋଇ ରଚିତ କୃତି, ମହତ୍ତ୍ୱ ଓ ତାର ଅଧିକ ପ୍ରଚାର ପ୍ରସାର ପାଇଁ ଆଲୋକପାତ କରିଥିଲେ। ଇତିହାସ ଅଧ୍ୟାପକ ଶ୍ରୀକାନ୍ତ ପ୍ରଧାନ ରେଢ଼ାଖୋଲର ଇତିହାସ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀ ଆୟୁଷୀ ନାୟକ ରେଢ଼ାଖୋଲର ଐତିହ୍ୟ ସଂସ୍କୃତି ଉପରେ ବର୍ଣ୍ଣନା କରିଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ପ୍ରହ୍ଲାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ହାଇସ୍କୁଲରେ 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ

**ବରଗଡ଼, ୨୦।୧(ସମିସ):** ବରଗଡ଼ ବ୍ଲକ ସିମେଣ୍ଟ ନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ଦେବ ଜୀବନ କରଙ୍କ ଅଧ୍ୟକ୍ଷତାରେ ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ଓ ଶିକ୍ଷକ ଗୌର ସା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମୌଖିକ ଭାଷାର ବିକାଶ, ପଠନ ଓ ଲେଖନୀ ମାଧ୍ୟମରେ ସୃଜନଶୀଳ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ବନ୍ଦିତା ଦାଶ, ଡଲି ବାରିକ, ଘନ ଶ୍ୟାମ ମୟୂର ତୁଲିଆ, ସଦାନନ୍ଦ ଶେଠ୍, ଗୋପୀ କାନ୍ତ ମେହେର, ବିକାଶ ବାଘେଲ୍, ସୀମା ପ୍ରଧାନ, ସୁନନ୍ଦା ମହାପାତ୍ର, ରୀମା ଭୋଇ, ଶୁଭଶ୍ରୀ କୁମ୍ଭାର, ସୁଜାତା ମହାପାତ୍ର, ସବିତା ଦୋରା, ସୁଜାତା ଦୀପ, ଜାହ୍ନବୀ କାଲୋ, ରଞ୍ଜିତା ସାହୁ, ମଧୁସ୍ମିତା ବିଶ୍ୱାଳ, ସଞ୍ଜୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ।

# ଡେପୁଟି କଲେକ୍ଟର ନିତୁଶ୍ରୀ ମେହେରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର, ୨୦।୧ (ସମିସ):** ପଦ୍ମପୁର ଉପଖଣ୍ଡରେ କାର୍ଯ୍ୟରତ ଡେପୁଟି କଲେକ୍ଟର ନିତୁଶ୍ରୀ ମେହେର ପଦ୍ମପୁର କାର୍ଯ୍ୟାଳୟରୁ ଔପଚାରିକ ଭାବେ ବିଦାୟ ନେଇଛନ୍ତି। ସେ ବର୍ତ୍ତମାନ ବାଙ୍ଗୋମୁଣ୍ଡା ବ୍ଲକ, ବଲାଙ୍ଗିର ଜିଲ୍ଲାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବେ। ମେହେର ୨୦୨୩ ଡିସେମ୍ବର ମାସରେ ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ବିଦାୟ ସମ୍ବର୍ଦ୍ଧନା ସମୟରେ ଉପଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀବୃନ୍ଦ ତଥା କାର୍ଯ୍ୟାଳୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ୫ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୦।୧ (ସମିସ) :** ଯୁଯୋମୁରାସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ରରେ ୫ ଜଣ ହକି ଖେଳାଳିଙ୍କୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବର୍ଦ୍ଧିତ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଉପସ୍ଥିତ ଥିଲେ। ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଅଣ୍ଡର-୧୭ ବର୍ଗରେ ଯୁଯୋମୁରାର ୨ଜଣ ଝିଅ ଦୁଲାରୀ କୁଜୁର ଓ ମିନାକ୍ଷୀ ମାଝୀ ଏବଂ ୨ ଜଣ ପୁଅ ଅନୁକରଣ ଡୁଙ୍ଗଡୁଙ୍ଗ ଓ ରିତେଶ ମିର୍ଦ୍ଧା ଏବଂ ଗଡ଼ପୋଷ ସ୍କୁଲର ସୀମା ଲାକ୍ରା ମନୋନୀତ ହୋଇଥିବାବେଳେ ଅଣ୍ଡର-୧୪ ବର୍ଗର ସଙ୍ଗୀତ ସାମାଦ, ଗିରିଶଚନ୍ଦ୍ରପୁରର ନୀତେଶ କୁଲୁ, ଗୋସନାର ଲମଗା, ଜୟତୁନ ଲୁଗୁନ ମଧ୍ୟ ମନୋନୀତ ହୋଇଛନ୍ତି। ଏମାନେ ସମସ୍ତେ ଆସନ୍ତା ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଞ୍ଚିରେ ହେବାକୁ ଥିବା ୬୯ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବେ। ମାଧୋ ସିଂ ହକି ଏକାଡେମୀ ସଭ୍ୟ ପ୍ରଦୀପ ଧୀମାନ ସମସ୍ତ ଖେଳାଳିଙ୍କୁ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସମସ୍ତ ଖେଳାଳି ସହିଦ ମାଧୋ ସିଂହ ହକି ଏକାଡେମୀର ଖେଳାଳି ହୋଇଥିବା ବେଳେ ହକି ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣରତ ଅଛନ୍ତି। ଯୁଯୋମୁରା ବିଡିଓ ରାଜେଶ କୁମାର ଏକ୍କା, ତହସିଲଦାର ପ୍ରଭାସ କୁମାର ବୁଡାୟକ, ଏସଡିପିଓ ପ୍ରଶାନ୍ତ ମେହେର, ଲିପିଣ୍ଡା ସରପଞ୍ଚ ତଥା ଏକାଡେମୀର ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମିର୍ଦ୍ଧା, ଏକାଡେମୀ ସଦସ୍ୟ ତଥା ଟିମ ମ୍ୟାନେଜର ଅବନୀ କୁମାର କୁମୁରା, ହକି କୋଚ୍ ବିମଲ ଜୋଜୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, କିଶୋର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସହିଦ ମାଧୋ ସିଂହ ହକି ଏକାଡେମୀର ସମ୍ପାଦକ ତଥା ପ୍ରତିଷ୍ଠାତା ଲକ୍ଷ୍ମୀଧର ମହାନ୍ତି ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ସାମାଜିକ ନିରାପତ୍ତା ପାଇଁ ବଜେଟରେ ୨୦୦ କୋଟି ପ୍ରାବଧାନ ଦାବି

**ସମ୍ବଲପୁର, ୨୦।୧ (ସମିସ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା ସାମାଜିକ କଲ୍ୟାଣ ପାଇଁ ଆଗାମୀ ୨୦୨୬-୨୭ ମସିହାର ରାଜ୍ୟ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ଅର୍ଥ ବିଭାଗର ପ୍ରସ୍ତାବ ଆହ୍ୱାନ ଅନୁଯାୟୀ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଶ୍ରୀ ମହାନ୍ତି ଜଣାଇଛନ୍ତି ଯେ, ସଂଘର ଦାବି ଅନୁକ୍ରମେ ୨୦୨୩-୨୪ ମସିହାରେ ପୂର୍ବତନ ରାଜ୍ୟ ସରକାର ବାର୍ଷିକ ବଜେଟ୍‌ରେ କେନ୍ଦୁପତ୍ର ସଂସ୍ଥାର ଲକ୍ଷ ଲକ୍ଷ ତୋଳାଳି, ହଜାର ହଜାର ଅନ୍ୟାନ୍ୟ ଶ୍ରମିକଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି' ନାମରେ ୫୦ କୋଟି ଟଙ୍କା ପ୍ରାବଧାନ ଆରମ୍ଭ କରିଥିଲେ। ଏହାପରେ ବର୍ତ୍ତମାନର ସରକାର ମଧ୍ୟ ୨୦୨୪-୨୫ ମସିହା ୧୦୦ କୋଟି ଟଙ୍କା ଏଥିପାଇଁ ବଜେଟରେ ପ୍ରାବଧାନ ରଖିଥିଲେ। କିନ୍ତୁ ଆର୍ଥିକ ବର୍ଷ ଶେଷରେ ଉକ୍ତ ୧୦୦ କୋଟି ଟଙ୍କାରୁ ଅର୍ଥ ବିଭାଗ ୫୦ କୋଟି ଟଙ୍କା କାଟିଦେଇ ଅବଶିଷ୍ଟ ୫୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ଦେବାରୁ ତୋଳାଳି ଓ ଅନ୍ୟାନ୍ୟ ସମ୍ପୃକ୍ତ ଶ୍ରମିକମାନେ ଆଶାନୁରୂପ ସାମାଜିକ ନିରାପତ୍ତା ତଥା ସହାୟତା ପାଇ ପାରିଲେନାହିଁ। ପୁନରାୟ ୨୦୨୫-୨୬ ମସିହାର ବାର୍ଷିକ ବଜେଟରେ ସଂଘ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି' ପାଇଁ ଅର୍ଥ ପରିମାଣ ବୃଦ୍ଧି କରିବାକୁ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସରକାର ଗତ ବଜେଟରେ ଏହାକୁ ଯଦିଓ ୧୨୦ କୋଟି ଟଙ୍କା ବିଧାନ ସଭାରେ ପ୍ରସ୍ତାବ ଉପସ୍ଥାପିତ କରି ବଜେଟ ମଞ୍ଜୁରୀ ହୋଇଥିଲା, କିନ୍ତୁ ବାସ୍ତବରେ ଏହି ୧୨୦ କୋଟି ଟଙ୍କାରୁ ପ୍ରାୟ ୯୨ କୋଟି ଦିଆଗଲା। ଏହାଫଳରେ ସାମାଜିକ ନିରାପତ୍ତା ତଥା କଲ୍ୟାଣମୂଳକ କାର୍ଯ୍ୟକ୍ରମ ସଙ୍କୁଚିତ ହୋଇଯାଇଛି। ପୁଣି ୯୨ କୋଟି ଟଙ୍କାରୁ ସରକାରୀ କର୍ମଚାରୀ ମାନଙ୍କ କ୍ୱାଟର ନିର୍ମାଣରେ ଅଧିକ ଖର୍ଚ୍ଚ ହେଉଛି।

ଜଳବାୟୁ ପରିବର୍ତ୍ତନ, କେନ୍ଦୁପତ୍ର ଏରିଆ ହ୍ରାସ, ଆଶାନୁରୂପ ଗୋଛାକଟେଇର ଅଭାବ ଓ ଖଣି ଖାଦାନ, କୃଷି କାର୍ଯ୍ୟ ଆଦି ଯୋଗୁଁ କେନ୍ଦୁପତ୍ର ସଂଗ୍ରହ ପରିମାଣ ଓ ଗୁଣାତ୍ମକମାନ ହ୍ରାସ ପାଉଛି। ଅନ୍ୟ ଦିଗରେ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପରି ଅବସ୍ଥାରେ କାର୍ଯ୍ୟରତ ଆଦିବାସୀ ପଛୁଆବର୍ଗର ଲକ୍ଷ ଲକ୍ଷ ମହିଳା ତୋଳାଳି ଏବଂ ଶ୍ରମିକ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ସରକାର ବଜେଟରେ ଆର୍ଥିକ ପ୍ରାବଧାନ ବୃଦ୍ଧି କରି ବଜେଟର ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରିବା ଉଚିତ। ବର୍ତ୍ତମାନର ସରକାର ଗତ ନିର୍ବାଚନ ସମୟରେ ନିର୍ବାଚନ ଇସ୍ତାହାରରେ ପତ୍ର ଦର ବୃଦ୍ଧି ଓ ବୋନସ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଆଗାମୀ ବଜେଟରେ ୨୦୦ କୋଟି ଟଙ୍କା ଆର୍ଥିକ ପ୍ରାବଧାନ ରଖିବାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶ୍ରୀ ମହାନ୍ତି ସରକାରଙ୍କ ଅର୍ଥ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ଏନେଇ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଅର୍ଥ ଓ ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର ସଂସ୍ଥାଙ୍କୁ ମଧ୍ୟ ଜଣାଇଛନ୍ତି।

